# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 08 December – 2025

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଦେଶ ସ୍ୱାଧୀନତା ସଂଗ୍ରାମକୁ ଶକ୍ତି ଯୋଗାଇଥିଲା; ସଂସଦରେ କହିଲେ ପ୍ରଧାନମନ୍ତ୍ରୀ
- ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚ ବିବରଣୀ ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଜାରି ରହିଛି ଆଲୋଚନା

– ୧୮ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୯୧ ପ୍ରତିଶତ ମାମଲାର ହୋଇଛି ସମାଧାନ

ଏବଂ

- ଆସନ୍ତାକାଲି ଖେଳାଯିବ ଭାରତ–ଦକ୍ଷିଣ ଆଫ୍ରିକା ବାରବାଟୀ ଟି-ଟ୍ୱେଣ୍ଟି ମ୍ୟାଚ୍

– ଅଭ୍ୟାସ କରୁଛନ୍ତି ଭାରତୀୟ ଦଳ; ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ କରିବେ ଅଭ୍ୟାସ

Desk

# ଏଲ୍ଏସ୍-ବନ୍ଦେ ମାତରମ

ଲୋକସଭାରେ ଆଜି ଜାତୀୟ ଗୀତ ବନ୍ଦେ ମାତରମର ୧୫୦ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ଏହି ଜାତୀୟ ଗୀତ ୧୮୭୫ ମସିହାରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚନା କରାଯାଇଥିଲା ।

**V/O (Vande Matram Song)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଆଲୋଚନା ଆରମ୍ଭ କରି କହିଛନ୍ତି, ରାଷ୍ଟ୍ରଗୀତ ବନ୍ଦେ ମାତରମର ମନ୍ତ୍ର ଦେଶବାସୀଙ୍କୁ ଶକ୍ତି ଏବଂ ପ୍ରେରଣା ଯୋଗାଇବା ସହ ସ୍ୱାଧୀନତା ଆନ୍ଦୋଳନରେ ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଉଦ୍ରେକ କରିଥିଲା । ଶ୍ରୀ ମୋଦୀ କହିଛନ୍ତି, ପବିତ୍ର ବନ୍ଦେ ମାତରମକୁ ଆଜି ମନେପକାଇବା । ଉଭୟ ଲୋକସଭାର ସମସ୍ତ ସଦସ୍ୟ ଏବଂ ଦେଶବାସୀଙ୍କ ପାଇଁ ଏହା ଗୌରବର ବିଷୟ ।

**V/O (PM Vande Matram)**

ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ଦେ ମାତରମର ଦେଢ଼ଶହ ବର୍ଷର ପୂର୍ତ୍ତି ଆମକୁ ସେହି ମହାନ ଅଧ୍ୟାୟ ଓ ସୌର୍ଯ୍ୟ ପୁନଃସ୍ଥାପିତ କରିବାର ସୁଯୋଗ ଦେଇଛି ।  ଜାତୀୟ ଗୀତ ବନ୍ଦେ ମାତରମ ଦେଶକୁ ୧୯୪୭ ମସିହାରେ

ସ୍ୱାଧୀନତା ପ୍ରଦାନ କରିଥିଲା । ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭବିଷ୍ୟତର ଦୃଷ୍ଟିକୋଣ ହାସଲ ଲାଗି ଶକ୍ତି ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

Assembly

## ବିଧାନସଭା- ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଆଜି ଦଶମ ଦିନରେ ଗୃହରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚ ବିବରଣୀ ବ୍ୟୟମଞ୍ଜୁରି ବିଲ୍ ଉପରେ ଆଲୋଚନା ଜାରି ରହିଛି । ବିରୋଧୀ ଦଳ ସଦସ୍ୟ ଡକ୍ଟର ଅରୁଣ କୁମାର ସାହୁ ବିଲ୍ ଉପରେ ମତ ରଖୁଛନ୍ତି । ଅନ୍ୟପକ୍ଷରେ ପ୍ରଶ୍ନକାଳରେ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରସଙ୍ଗ ଉପରେ ଲିଖିତ ଉତ୍ତର ଉପସ୍ଥାପନ କରିଥିଲେ । ଶୂନ୍ୟକାଳରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ ଉଠାଯିବା ସହିତ ସରକାର ଯଥାଶୀଘ୍ର ଶିକ୍ଷକଙ୍କ ଦାବି ପୂରଣ କରିବା ପାଇଁ ସଦସ୍ୟମାନେ ଗୃହରେ ଦାବି କରିଥିଲେ ।

Assembly

## ବିଧାନସଭା-୧

ରାଜ୍ୟରେ ଗତ ଦେଢ଼ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୯୧ ପ୍ରତିଶତ ମାମଲାର ଶୁଣାଣି କରାଯାଇ ସମାଧାନ ହୋଇପାରିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବିଧାନସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ କହିଛନ୍ତି,

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମୟ ମଧ୍ୟରେ ୧୩ ହଜାର ୩୯୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ସେଥିମଧ୍ୟରୁ ୧୨ହଜାର ୪୩୨ଟି ଅଭିଯୋଗର ସମାଧାନ କରାଯାଇଛି। ବାକିଥିବା ଅଭିଯୋଗକୁ ତର୍ଜମା କରାଯାଇ ସମାଧାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ ପ୍ରକାଶ କରିଛନ୍ତି।

Assembly

## ବିଧାନସଭା-୨

ରାଜ୍ୟରେ ନୂଆ ସରକାରରେ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଲିଖିତ ଉତ୍ତର ରଖିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଦେଢ଼ ବର୍ଷରେ ୨୦ ଜଣ ପୁଲିସ ଅଧିକାରୀଙ୍କୁ ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ୨୭୧ ଜଣ ସରକାରୀ କର୍ମଚାରୀ ବିଭିନ୍ନ ମାମଲାରେ ଗିରଫ ହୋଇଥିବା ବେଳେ ୧୭୪ ଜଣ ଭିଜିଲାନ୍ସ କୋର୍ଟରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୩୩ ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ସହ ୬୫ ଜଣଙ୍କ ପେନସନ୍ ବନ୍ଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

Assembly

## ବିଧାନସଭା-୪

ରାଜ୍ୟରେ ଗତ ଦେଢ଼ ବର୍ଷ ମଧ୍ୟରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଲିଖିତ ଉତ୍ତର

ରଖିଛନ୍ତି। ଆଉ ୨୧ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଇଛି। ସେଥିମଧ୍ୟରୁ ଓଡ଼ିଶା–ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ରାଜ୍ୟର ମିଳିତ ଅଭିଯାନରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

# କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଖେଳାଯିବ । ଆଜି ଅପରାହ୍ନ ସାଢ଼େ ଗୋଟାଏରୁ ଭାରତୀୟ ଦଳ ଅଭ୍ୟାସ ଆରମ୍ଭ କରିଛନ୍ତି। ମ୍ୟାଚ୍ ପ୍ରସ୍ତୁତି ସମ୍ପର୍କରେ ଅଧିନାୟକ ସୂର୍ଯ୍ୟକୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବାରବାଟୀରେ ବହୁ ପୂର୍ବରୁ ଘରୋଇ ମ୍ୟାଚ୍ ଖେଳିବାରେ ଅନୁଭୂତି ରହିଛି। ଦଳ ଗତବର୍ଷଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଛି। ସମସ୍ତ ଖେଳାଳି ନିଜର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ସୂର୍ଯ୍ୟକୁମାର କହିଛନ୍ତି।

**- V/O -**

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ସନ୍ଧ୍ୟା ସାଢ଼େ ୫ଟାରୁ ଅଭ୍ୟାସ ଆରମ୍ଭ କରିବେ । ଗ୍ୟାଲେରୀ ନମ୍ବର ୫ ଓ ୬ରେ ଦର୍ଶକମାନେ ଖେଳାଳୀମାନଙ୍କ ଅଭ୍ୟାସ ଦେଖିପାରିବେ । ମ୍ୟାଚ ସମୟରେ ୭ଟି ସ୍ଥାନରେ ଗାଡି ପାର୍କିଂ କରିବା ନେଇ କମିଶନରେଟ ପୋଲିସ ସ୍ଥିର

କରିଛି । ସୁରକ୍ଷା ବ୍ୟବସ୍ଥା ନିମନ୍ତେ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀ ନିୟୋଜିତ ହେବେ ।

Assembly

## ବିଧାନସଭା-୩

ଜଗତସିଂହପୁର ଜିଲ୍ଲାରୁ ଚିହ୍ନଟ ହୋଇଥିବା ୨୦ ଜଣ ବାଂଲାଦେଶୀଙ୍କୁ ଖୁବ୍‌ଶୀଘ୍ର ଦେଶାନ୍ତର କରାଯିବ ବୋଲି ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି। ୨ ହଜାର ୧୦୯ ଜଣ ସନ୍ଦିଗ୍ଧଙ୍କୁ ଯାଞ୍ଚ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ହଜାର ୨୫ ଜଣ ଭାରତୀୟଭାବେ ପ୍ରମାଣିତ ହେବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା ଏବଂ ୧୩ ଜଣଙ୍କ ପରିଚୟପତ୍ର ଯାଞ୍ଚ ଚାଲିଛି। ୭ଟି ଜିଲ୍ଲାରୁ ୭୧ ଜଣଙ୍କୁ ଅବୈଧ ବାଂଲାଦେଶୀଭାବେ ଚିହ୍ନଟ କରାଯାଇ ୪୮ ଜଣଙ୍କୁ ଦେଶାନ୍ତର କରାଯାଇଛି। ୨ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ କାଗଜପତ୍ର ଦେଇ ନିଜ ନାମରେ ଭାରତୀୟ ପାସପୋର୍ଟ କରିଥିବା ଯୋଗୁଁ ସେମାନଙ୍କ ନାମରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

Assembly

## ବିଧାନସଭା-୫

ରାଜ୍ୟରେ ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୪୧ଟି ବ୍ୟାଙ୍କ ୬ ହଜାର ୨୨୭ଟି ବ୍ୟାଙ୍କ ଶାଖା ମାଧ୍ୟମରେ ଜନସାଧାରଣଙ୍କୁ ବ୍ୟାଙ୍କିଂ ସୁବିଧା ପ୍ରଦାନ କରୁଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ

ପ୍ରଶ୍ନର ଉତ୍ତରରେ କହିଛନ୍ତି। ଗ୍ରାମାଞ୍ଚଳରେ ୩ ହଜାର ୨୩୬ଟି ବ୍ୟାଙ୍କ ଶାଖା ରହିଥିବା ବେଳେ ଅର୍ଦ୍ଧସହରାଞ୍ଚଳରେ ୧ ହଜାର ୬୬୭ଟି ଏବଂ ସହରାଞ୍ଚଳରେ ୧ ହଜାର ୩୨୪ଟି ଶାଖା ରହିଛି। ରାଜ୍ୟରେ କାର୍ଯ୍ୟ କରୁଥିବା ବ୍ୟାଙ୍କମାନଙ୍କର ଜମା ଋଣ ଅନୁପାତ ୬୬ ଦଶମିକ ୮/୧ ପ୍ରତିଶତ ରହିଛି। ବ୍ୟାଙ୍କ ନ ଥିବା ସମସ୍ତ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ଉପଲବ୍ଧ କରାଇବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଧାନସଭାରେ କହିଛନ୍ତି।

Desk

## କୋଣାର୍କ ମନ୍ଦିର ବାଲି କଢ଼ା

ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ– ଏ.ଏସ୍.ଆଇ. ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରରେ ବାଲି କାଢ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ମନ୍ଦିର କାନ୍ଥର ସ୍ଥିତି ଜାଣିବା ପାଇଁ ୧୭ ଇଞ୍ଚ୍‌ର କୋର୍ ଡ୍ରିଲିଂ କରାଯାଉଛି। ପଶ୍ଚିମଦିଗ ୮୦ ଫୁଟ୍ ଉଚ୍ଚରେ ଥିବା ଗର୍ଭଗୃହରେ ଚାରିଫୁଟରେ ଚାରିଫୁଟ୍ ଏକ ଟନେଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପିଢ଼ିର କାନ୍ଥରେ ଏ.ଏସ୍.ଆଇ. ଡ୍ରିଲିଂ ଆରମ୍ଭ କରିଛି।

Raygada

## ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଓ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍.କୁମାର ଯୋଗଦେଇ ୯୭ଟି ଅଭିଯୋଗର ଶୁଣାଣି କରିଥିଲେ ।

BHK

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ତହସିଲ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ତହସିଲକୁ ଆସୁଥିବା ଲୋକଙ୍କ ସମସ୍ୟାକୁ ସରକାରୀ କର୍ମଚାରୀମାନେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

BHK

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଭଦ୍ରକ ଜିଲ୍ଲା ଧାମରା କୋଇଥଖୋଲା ଉଚ୍ଚବିଦ୍ୟାପୀଠ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀରେ ବିଶିଷ୍ଟ ଶିକ୍ଷାବିତ୍‌ମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନଭିତ୍ତିକ ସୃଜନଶୀଳତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ ।

Desk/Nuapada

# ଶୀତଲହରୀ

ରାଜ୍ୟରେ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ଯୋଗୁଁ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୀତର ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ୧୦ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଥିବାବେଳେ ୩୯ଟି ସହରର ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି । ଚଳିତ ଶୀତ ଋତୁରେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ରାତି ତାପମାତ୍ରା ୪ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୧୧ଦଶମିକ ୯ ଓ କଟକରେ ୧୧ଦଶମିକ ୮ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ନୂଆପଡ଼ା ଜିଲ୍ଲାରେ ଶୀତ ଯୋଗୁଁ ଜୀବନଯାପନ ପ୍ରଭାବିତ ହୋଇଛି ।